ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୬ ଫେବୃଆରୀ, ୨୦୨୦ ବୁଧବାର

ଷ୍ଟାଣ୍ଡଅଫ୍

ବେତନଟୀ

କାମରେ ଲାଗୁନି ଶବ ବ୍ୟବଚ୍ଛେଦ କେନ୍ଦ୍ର

୨୫।୨ : ଏକ୍ସପ୍ରେସ୍ ନ୍ୟୁଜ୍

ବେତନଟୀର ଶୁଖିଲାହାର ବନ୍ଧ ନିକଟରେ ଥିବା ସର୍ବସାଧାରଣ ଶ୍ମଶାନ ନିକଟରେ ଏକ ଶବ ବ୍ୟବଚ୍ଛେଦ ଗୃହ ନିର୍ମିତ ହୋଇ ବେତନଟୀ ବ୍ଲକ ତରଫରୁ ଏହାକୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର କରାଯାଇଥିଲା । କେବଳ ଜଣେ ଝାଡୁଦାର, ଜଣେ ଶବ କାଟିବା କର୍ମଚାରୀ ଅଭାବରୁ ଏହି ବ୍ୟବଚ୍ଛେଦ କେନ୍ଦ୍ର କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଏହି ଶବ ବ୍ୟବଚ୍ଛେଦ ଗୃହଟି ନିର୍ମାଣ ପାଇଁ ୧୨ ଲକ୍ଷ ସରକାରୀ ପାଣ୍ଠି ଖର୍ଚ୍ଚ ହୋଇଛି । ଏହି ବ୍ୟବଚ୍ଛେଦ ଗୃହକୁ ଦେଖିଲେ ଏହା ଏବେ ଖଣ୍ଡର ଓ ଅପରାଧୀଙ୍କ ଆଡ୍ଡାସ୍ଥଳ ବୋଲି ବୁଝାଯାଏ । ଏହା ସହିତ ଖର୍ଚ୍ଚ ହୋଇଥିବା ଟଙ୍କା ମଧ୍ୟ ପାଣିରେ ପଡିଛି ଯେଉଁଥିରୁ ଜନ ସାଧାରଣ କୌଣସି ଲାଭ ପାଇ ନାହାନ୍ତି । ତେବେ ଏହି କାର୍ଯ୍ୟକୁ ସରକାରୀ ଅବହେଳା ବୋଲି କୁହାଯିବ ନା ନିର୍ବାଚିତ ଲୋକ ପ୍ରତିନିଧି ମାନଙ୍କର ଅବହେଳା ବୋଲି କୁହାଯିବ ଏହାକୁ ନେଇ ଏବେ ପ୍ରଶ୍ନ ଉଠିଲାଣି । ୨୦୦୯ରେ ବଡସାହି ନିର୍ବାଚନ କ୍ଷେତ୍ର ସୃଷ୍ଟି ହେବା ବେଳକୁ ଏହି ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ କାର୍ଯ୍ୟ ତତ୍କାଳୀନ ବାଲେଶ୍ୱର ସାଂସଦ ମହାମେଘ ବାହନ ଐର ଖାରବେଳ ସ୍ୱାଇଁଙ୍କ ଚାପରେ ଆରମ୍ଭ ହୋଇସାରିଥିଲା । ଇତିମଧ୍ୟରେ ୧୧ ବର୍ଷ ବିତି ଯାଇଛି । ବଡସାହି ବିଧାନସଭା କ୍ଷେତ୍ରଟି ବାଲେଶ୍ୱର ଲୋକସଭା କ୍ଷେତ୍ରରେ ଯାଉଛି । ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଏହି କ୍ଷେତ୍ରର ସାଂସଦ ଶ୍ରୀକାନ୍ତ କୁମାର ଜେନା କେନ୍ଦ୍ର ସରକାରରେ ଜଣେ କ୍ଷମତାଶାଳୀ ମନ୍ତ୍ରୀଥିଲେ । ଏହା ବ୍ୟତୀତ ରାଜ୍ୟରେ ଶାସନ କରୁ ଥିବା ବିଜେଡି ଦଳର ବିଧାୟକ ଭାବେ ମନୋରଞ୍ଜନ ସେଠୀ କ୍ଷମତାରେ ଥିଲେ । ସେହିପରି ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ବାଲେଶ୍ୱର ସାଂସଦ ଭାବେ ଇଂ. ରବୀନ୍ଦ୍ର କୁମାର ଜେନା ଓ ବିଧାୟକ ଭାବେ ଗଣେଶ୍ୱର ପାତ୍ର ଥିଲେ । ତେବେ ଏହି ଦଶ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗରୁ ବ୍ୟବଚ୍ଛେଦ ଗୃହ ପାଇଁ ଦୁଇ ଜଣ ଚତୁର୍ଥଶ୍ରେଣୀ କର୍ମଚାରୀର ବ୍ୟବସ୍ଥା କରିପାରିଥିଲେ ହୁଏତ ଏବେ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇ ସାରନ୍ତାଣି ଓ ଖର୍ଚ୍ଚ ହୋଇ ଥିବା ସରକାରୀ ପାଣ୍ଠିର ସୁବିନିଯୋଗ ହୋଇ ପାରି ଥାଆନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ମୃତ୍ୟୁବରଣ କରି ବାରିପଦାକୁ ବ୍ୟବଚ୍ଛେଦ ପାଇଁ ଯାଉଥିବା ମୃତକର ପରିବାରକୁ ଭେଟି ଅଞ୍ଚଳର ନେତା ମାନେ ଶୋକ ବି ବ୍ୟକ୍ତ କରିଛନ୍ତି କିନ୍ତୁ ଦୁଃଖ ଓ ପରିତାପର ବିଷୟ ସେହି ମୃତ ବ୍ୟକ୍ତିର ଶବ ବ୍ୟବଚ୍ଛେଦ ପାଇଁ ସୁବ୍ୟବସ୍ଥା କରିବା ପାଇଁ ବ୍ୟବସ୍ଥା କରିପାରିଲେନି । ୨୦୧୯ରେ ବାଲେଶ୍ୱର ସାଂସଦ ଭାବେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଅଛନ୍ତି ଓ ବିଧାୟକ ଭାବେ ସନାତନ ବିଜୁଳି ନିର୍ବାଚିତ ହୋଇଛନ୍ତି । ଇତିମଧ୍ୟରେ ତାଙ୍କର କାର୍ଯ୍ୟକାଳର ଗୋଟିଏ ବର୍ଷ ବିତିଯାଇଛି । ଆଗକୁ ଥିବା ଆହୁରି ଚାରି ବର୍ଷ କାର୍ଯ୍ୟକାଳ ରହିଛି । ତେବେ ଲୋକମାନଙ୍କ ସମ୍ବେଦନ ଲାଗି ରହିଥିବା ବେତନଟୀ ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ କରାଇ ପାରିଲେ ବଡସାହି ବିଧାନସଭା କ୍ଷେତ୍ରରେ ଚିରଦିନ ପାଇଁ ଯଶ ରହିଯିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

ରାଶିଫଳ ତା ୨୬.୨.୨୦୨୦

ପଣ୍ଡିତ ରାମଚନ୍ଦ୍ର ଆଚାର୍ଯ୍ୟ
ଷୋଳଭାଗପେଣ୍ଡ,
ଭାୟା – ସୁରଙ୍ଗୀ, ଗଞ୍ଜାମ
ମୋ–୭୩୨୫୯୩୩୦୫୯

ବୁଧବାର – ତୃତୀୟା
ନକ୍ଷତ୍ର : ଉ.ଭାଦ୍ର, ମୀନ

ମେଷ : ସ୍ନେହ ଲାଭ, ଯୋଗାଯୋଗ ଲାଭ, ଯଶ ଲାଭ, ଖ୍ୟାତି ଲାଭ, ସୌଖ୍ୟ ଯୋଗ, ଉନ୍ନତି ଲାଭ

ବୃଷ : ସୌଖ୍ୟ ଯୋଗ, ସମାଜର ମିତ୍ର ଲାଭ, ଉଦ୍‌ଯୋଗ ସିଦ୍ଧି, ବାହନ ସୌଖ୍ୟ, ସମ୍ମାନ ପ୍ରାପ୍ତି

ମିଥୁନ : ଉଦ୍‌ଯୋଗ ହାନି, ତିକ୍ତତା, ମାନସିକ ଚିନ୍ତା, ଉଦ୍‌ବେଗତା, ବୃଥା କଳହ, ମିତ୍ର ମତାନ୍ତର, ବନ୍ଧୁ ବିରୋଧ

କର୍କଟ : ପୀଡାଯୋଗ, ଦେହ ଆଳସ୍ୟ, କ୍ଲାନ୍ତ ମିତ୍ର କଳହ, ବିପୁଳ ଭାବନା, ତିକ୍ତତା ଯୋଗ, ଅସହ୍ୟ ପୀଡା

ସିଂହ : ଶ୍ରୀ ଲାଭ, ଧନ ପ୍ରାପ୍ତି, ସିଦ୍ଧି ଲାଭ, ଉଦ୍‌ଯୋଗ ସିଦ୍ଧି, ସ୍ଥାନ ଲାଭ, ସମ୍ମାନ ପ୍ରାପ୍ତି, ମହତ୍ ସୌଖ୍ୟ ଯାତ

କନ୍ୟା : ସମାଜର ଭବ୍ୟ ଯୋଗ, ମିତ୍ର ସୌଖ୍ୟ, ଭାଗ୍ୟ ବୃଦ୍ଧି, ଉନ୍ନତି ଲାଭ, ମିତ୍ର ସୌଖ୍ୟ, ସୁସମ୍ବାଦ ଲାଭ

ତୁଳା : ଦେହ ଆଳସ୍ୟ, ବହୁଳ ଭାବନା, କ୍ଲାନ୍ତ ଯୋଗ, ହାନି, ତିକ୍ତତା, ମାନସିକ ଉଦ୍‌ବେଗତା, ଉଚ୍ଚବାଚ

ବିଛା : ସମ୍ମାନ ଯୋଗ, ମିତ୍ର ଲାଭ, ଉନ୍ନତି ଲାଭ, ଉଚ୍ଚ ଯୋଗ ଲାଭ, ସୁଖ୍ୟାତି ଯୋଗ, ସ୍ନେହ ଲାଭ

ଧନୁ : ଭାଗ୍ୟ ଲାଭ, ଯଶ ଲାଭ, ଖ୍ୟାତି ଯୋଗ, ଧନ ପ୍ରାପ୍ତି, ମିତ୍ର ମିଳନ, ବନ୍ଧୁ ସୌଖ୍ୟ, କର୍ମ ତତ୍ପରତା

ମକର : ଶୁଭ ଯୋଗ, ସମ୍ମାନ ଲାଭ, ଉଦ୍‌ଯୋଗ ସିଦ୍ଧି, ମିତ୍ର ସୌଖ୍ୟ, ସୁଯୋଗ ଲାଭ, ଉନ୍ନତି ଯୋଗ

କୁମ୍ଭ : ଧର୍ମ ଚିନ୍ତା, କ୍ଲାନ୍ତ ଯୋଗ, ପୀଡା, ଉଚ୍ଚବାଚ, ତିକ୍ତତା, ଗ୍ଲାନି, ମାନ୍ଦାଗତି, କର୍ମକ୍ଷେତ୍ରେ ବୃହତ ଧକ୍କା

ମୀନ : ପ୍ରସନ୍ନତା ଯୋଗ, ଅସ୍ଥିର ଚିତ୍ତ, ଅଭିବୃଦ୍ଧି ଯୋଗ, ବନ୍ଧୁ ସହ ମତାନ୍ତର, ଧର୍ମ କର୍ମରେ ଆଗ୍ରହ

ଖେଳନା ବନ୍ଧୁକ ଦେଖାଇ ଢାବାରେ ଗଣ୍ଡଗୋଳ ୨ କୋର୍ଟଚାଲାଣ

ବୌଦ୍ଧ,୨୫।୨ ଏକ୍ସପ୍ରେସ୍ ନ୍ୟୁଜ୍

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅର୍ନ୍ତଗତ ଦନ୍ତାପାଲି ଠାରେ ଥିବା ଅନୁପ ଢାବାରେ ଖେଳଣା ପିସ୍ତଲ ଦେଖାଇ ଗଣ୍ଡଗୋଳ କରିବା ସହ ଢାବା ମାଲିକୁ ଭୟଭୀତ କରାଇବା ନେଇ ଦୁଇଜଣ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ମିଳିଥିବା ଜଣାପଡିଛି । ସୂଚନା ମୁତାବକ ଗତ କାଲି ରବିବାର ଦିନ ଅଇଁଳାପାଲି ପଞ୍ଚାୟତର ଟାଟରକିଲା ଗ୍ରାମର ବାସୁଦେବ ସେଠୀ (୩୩) ଓ ଗୁପ୍ତେଶ୍ୱର ସାହୁ (୩୧) ଦନ୍ତାପାଲି ଠାରେ ଥିବା ଅନୁପ ଢାବକୁ ଖାଇବାକୁ ଆସିଥିଲେ । ଖାଇ ସାରିବା ପରେ ପଇସା ଦେବାକୁ ନେଇ ଢାବା ମାଲିକକୁ ଖେଳଣା ପିସ୍ତଲ ଦେଖାଇ ଭୟଭୀତ କରିବା ସହ ଗଣ୍ଡଗୋଳ କରିଥିଲେ । କିନ୍ତୁ ଢାବା କର୍ମଚାରୀ କୌଣସି ମତେ ଦୁଇଜଣକୁ କାବୁ କରିବା ସହ ପୋଲିସର ଜିମା ଦେଇଥିଲେ। ଢାବା ମାଲିକ ରାଜୀବ ନାଏକ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଥାନା କେସ ନଂ ୨୪/୨୦ରେ ଏକ ମାମଲା ରୁଜୁକରି ବାସୁଦେବ ଓ ଗୁପ୍ତେଶ୍ୱରକୁ ଗିରଫ କରି ସୋମବାର ଦିନ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ପ୍ରକାଶ କରିଛନ୍ତି ।

ଚାଷୀଙ୍କ ଧାନ କିଣିବା ଦାବିରେ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଘେରାଉ

ଛତ୍ରପୁର,୨୫।୨ ଏକ୍ସପ୍ରେସ୍ ନ୍ୟୁଜ୍

ଗ୍ରାମ ଜିଲ୍ଲାରେ ପୁଣି ଚାଷୀ ହଟହଟା। ଜିଲ୍ଲାରେ ମୋ ସରକାର ଓ ୫ଟି କାଟୁ କରୁନି । ଜିଲ୍ଲାର ହଜାର ହଜାର ଚାଷୀମାନଙ୍କ ଧାନ ଅମଳ ହୋଇ ବିଲରେ ପଡ଼ିଥିବା ବେଳେ ସରକାରଙ୍କ ତରଫରୁ ସେମାନଙ୍କ ଧାନ ଏପର୍ଯ୍ୟନ୍ତ କିଣାଯାଉନି । ଫଳରେ ଚାଷୀମାନଙ୍କ ଦୁର୍ଦ୍ଦଶା କହିଲେ ନସରେ। ବିଲରେ ପଡ଼ି ରହିଥିବା ଧାନକୁ ଚାଷୀମାନେ ଜଗି ରହିଥିବା ବେଳେ ବାରହା ଆରମ୍ଭ କରି ବିଭିନ୍ନ ପଶୁ ଉପଦ୍ରବ ଏବଂ ଅଦିନିଆ ମେଘର ଭୟରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏନେଇ ଗଂଜାମ ଜିଲ୍ଲାରେ ପ୍ରତିନିଧିତ୍ୱ କରି ଓଡ଼ିଶାର ପାଞ୍ଚ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ନବୀନ ସରକାର ଚାଷୀମାନଙ୍କ ଦୁଃଖ ବୁଝିବେ କେବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ କବିସୂର୍ଯ୍ୟନଗର ବ୍ଲକ୍ ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଚାଷୀମାନେ ସେମାନଙ୍କ ଧାନ ସରକାର କିଣିବା ଦାବିରେ ଆଜି ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଘେରାଉ କରିବା ସହ କାର୍ଯ୍ୟାଳୟ ପରିସରରେ ବସି ରହିଛନ୍ତି। ସେମାନଙ୍କ ଦାବି ହେଲା ଯେ, ଆମେ ବର୍ଷର ଧାନ ଅମଳ କରି ଧାନ ବିକିଲେ ତାହାର ଟଙ୍କାରେ ନିଜର ପରିବାର ପୋଷଣ କରିବା ସହ ବିଭିନ୍ନ କାର୍ଯ୍ୟରେ ଲଗାଇବା ନିମନ୍ତେ ଅନାଇ ବସିଥିବା ବେଳେ ପ୍ରଶାସନ ଆମ ଧାନ ଏପର୍ଯ୍ୟନ୍ତ କିଣୁନାହାନ୍ତି। ଫଳରେ ବାର୍‌ହା ଉପଦ୍ରବରେ ଫସଲଗୁଡ଼ିକ ନଷ୍ଟ ହୋଇଗଲାଣି। ସେପଟେ ଏସଏଚଜି ଗ୍ରୁପ୍ କିଣିବା ନିମନ୍ତେ ରହିଥିବା ବେଳେ ସେମାନେ ଟୋକେନ୍ ମାଗୁଛନ୍ତି । ଆମକୁ ଏପର୍ଯ୍ୟନ୍ତ ଟୋକେନ୍ ଆସୁନଥିବାରୁ ଆମେ ଏସଓଜି ଗ୍ରୁପକୁ ଧାନ ବିକି ପାରୁନୁ। ଏଣୁ ଆମକୁ ସରକାରଙ୍କ ପକ୍ଷରୁ ତୁରନ୍ତ ଟୋକେନ୍ ପ୍ରଦାନ କଲେ ଆମେ ଆମର ସମସ୍ତ ଧାନ ବିକ୍ରି କରି ପାରୁବୁ ବୋଲି ସେମାନେ କହିଥିଲେ। ଏହି ଘେରାଉ ବେଳେ କରୁଣା ବିଷୋୟୀ, ଜୟ ଦଳେଇ, ସନ୍ତୋଷ ଦଳେଇ, ଛଇଲ ବିଷୋୟୀ, କବିରାଜ ସ୍ୱାଇଁ, ବନମାଳୀ ବିଷୋୟୀ, ଉଦୟ ବିଷୋୟୀ, ଗୀତା ସ୍ୱାଇଁ, ପ୍ରହ୍ଲାଦ ସ୍ୱାଇଁ, ଲଲିତା ସ୍ୱାଇଁଙ୍କ ସମେତ ବହୁ ମହିଳା ଓ ପୁରୁଷ ଚାଷୀମାନେ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣାରେ ବସି ରହିଥିଲେ।

କାର୍ ବାଇକ୍ ଧକ୍କା : ୧ ମୃତ ଜଣେ ଆହତ

ବୌଦ୍ଧ,୨୫।୨ : ଏକ୍ସପ୍ରେସ୍ ନ୍ୟୁଜ୍

ବୌଦ୍ଧ ଜିଲାର ଖୋର୍ଦ୍ଧା–ବଲାଙ୍ଗିର ଜାତୀୟ ରାଜପଥର ସରସରା ନିକଟରେ ଏକ ବାଇକ ସହ କାରର ଧକ୍କା ହେବା ଯୋଗୁଁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୁଚନା ମୁତାବକ ବାମଣ୍ଡା ପଞ୍ଚାୟତର ତାଲବାହାଲ ଗ୍ରାମର ସାର୍ଜନ ସେଠୀ (୨୩) ଓ ବାଉଁଶୁଣୀ ଅଞ୍ଚଳର ହରିଡାପାଲି ଗ୍ରାମାର ମୁରଲିଧର ସେଠୀ (୨୧) ବୌଦ୍ଧରୁ ତାଲବାହାଲ ଗ୍ରାମକୁ ଯାଉଥିବା ବେଳେ ବୌଦ୍ଧରୁ ଏକ କାର (ଓଡି୦୨ ବିଜେ–୦୨୫୧) ପୁରୁଣାକଟକ ଆଡକୁ ଯାଉଥିବା ବେଳେ ସରସରା ନିକଟରେ ପଛପଟୁ ମଟର ସାଇକେଲକୁ ଧକ୍କା ଦେଇଥିଲା । ଫଳରେ ମଟର ସାଇକେଲ ପଛରେ ବସିଥିବା ମୁରଲିଧର ସେଠୀ ଗୁରୁତର ହେବା ସହ ସାର୍ଜନ ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ଉଭୟଙ୍କୁ ବୌଦ୍ଧ ମେଡିକାଲକୁ ଅଣାଯାଇଥିବା ବେଳେ ମେଡିକାଲରେ ମୁରଲିଧରର ମୃତ୍ୟୁ ଘଟିଥିବା ବେଳେ ସାର୍ଜନ ଚିକିତ୍ସିତ ପରେ ଘରକୁ ଯାଇଥିବା ଜଣାପଡିଛି । ବୌଦ୍ଧ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଗାଡିକୁ ଜବତ କରିବା ସହ ଥାନା କେସ୍ ନଂ ୪୩/୨୦ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି । କାର ଚାଳକ ଫେରାର ହୋଇଥିବା ଜଣାପଡିଛି ।

ମନରେଗା ଜନଶୁଣାଣି : ମଷ୍ଟରରୋଲ ପ୍ରସ୍ତୁତିରେ ସ୍ୱଚ୍ଛତା ପାଇଁ ତାଗିଦ୍

ସାନଖେମୁଣ୍ଡି,୨୫।୨ : ଏକ୍ସପ୍ରେସ୍ ନ୍ୟୁଜ୍

ସରକାରଙ୍କ ଦ୍ୱାରା ବ୍ଲକ ସ୍ତରରେ କାର୍ଯ୍ୟ କରାଯାଉଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଗତରେ ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତରେ ୨୦୧୯–୨୦ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ ଗତ ମାସିକ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବ ପ୍ରସ୍ତୁତି କ୍ରମେ ପଞ୍ଚାୟତ ସମିତି ଅଧୀନ ସମସ୍ତ ପଞ୍ଚାୟତ ନିର୍ବାଚିତ ଜନ ପ୍ରତିନିଧି, ପଞ୍ଚାୟତ ନିର୍ବାହୀ ଅଧିକାରୀ, ପଞ୍ଚାୟତ ରୋଜଗାର ସେବକ, ଉନ୍ନୟନ ବିଭାଗ ଯନ୍ତ୍ରୀ ସମୂହଙ୍କ ମିଳିତ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷ ଅଧକ୍ଷତା କରିବା ସହିତ ଚଳିତ ଆର୍ଥିକ ବର୍ଷରେ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟଧାରର ଗତିଶୀଳତାକୁ ନେଇ ବ୍ଲକ ପ୍ରଶାସନକୁ ସାଧୁବାଦ ପ୍ରଦାନ କରିଥିଲେ । ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ କପିଳ କୁମାର ସାହୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଏମଜିଏନଆରଜିଏସ ଅଧୀନ ସୃଷ୍ଟି ହୋଇଥିବା ଶ୍ରମ ଦିବସକୁ ନେଇ ଗୁରୁତ୍ୱାରୋପ କରିଥିଲେ । କାମ ପାଇନଥିବା ଶ୍ରମିକଙ୍କୁ ୧୦୦ଦିନର କାର୍ଯ୍ୟଦିବସ ସୃଷ୍ଟି ସହ ମଷ୍ଟର ରୋଲ ସମ୍ପାଦନରେ ସ୍ୱଚ୍ଛତା ରକ୍ଷା ପାଇଁ ତାଗିଦ ଦେଇଥିଲେ । ଅଞ୍ଚଳ ଜନାହିତକର ତଥା ସମାଜ ମଙ୍ଗଳକାରୀ ନିର୍ମାଣ ଜନିତ କାର୍ଯ୍ୟକୁ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଅଞ୍ଚଳରେ ଚାଲୁ ରହିଥିବା ମାଟିରାସ୍ତା, ଆବାସ ଯୋଜନା, ମୋ କୁଡ଼ିଆ, ପରିତ୍ୟେକ୍ତ ପୋଖରୀ ମରାମତି କରଣ ଓ ସୌନ୍ଦର୍ଯ୍ୟକରଣ, ସ୍ମଶାନ ଗୃହ, ନଳକୂପ ନିର୍ମାଣ, ଆଦର୍ଶ ଗୁହାଳ, ଆଦି କାର୍ଯ୍ୟର ସମୀକ୍ଷା କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ବିଡିଓ ଶ୍ରୀ ଗାୟତ୍ରୀ ଦତ୍ତ ନାୟକଙ୍କ ଦ୍ୱାରା ବ୍ଲକସ୍ତରୀୟ ଅନୁଷଙ୍ଗିକ ତଥ୍ୟ ପ୍ରଦାନ କରାଯାଇଥିବା ବେଳେ ଜିଲା ସାମାଜିକ ସମୀକ୍ଷକ ଶ୍ରୀ ରବୀନ୍ଦ୍ରନାଥ ମଳାଣ, ସହକାରୀ ନିର୍ବାହୀ ଯନ୍ତ୍ରୀ ଭିକାରି ଖଣ୍ଡୁଆଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ନିଯୁକ୍ତି ଦାବିରେ ଯୁଗ୍ମ ଖଣି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରାଉ

କେନ୍ଦୁଝର,୨୫।୨ ଏକ୍ସପ୍ରେସ୍ ନ୍ୟୁଜ୍

ଖଣି ନିଲାମି ଦ୍ୱାରା ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ଚାକିରି ହରାଉଥିବା ଖଣି ଶ୍ରମିକମାନେ ନୂତନ ଲିଜ୍‌ଧାରୀ କମ୍ପାନୀରେ ନିଯୁକ୍ତି ବାଧ୍ୟତାମୂଳକ କରିବା ଦାବି ନେଇ ସୋମବାର ଦିନ ହଜାର ହଜାର ଖଣି ଶ୍ରମିକ ଯୋଡାସ୍ଥିତ ଯୁଗ୍ମ ଖଣି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଦିନ ପ୍ରାୟ ୧୧ଟା ସମୟରେ ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ (ଏଆଇସିୟୁସି) ନେତୃତ୍ୱରେ ପ୍ରାୟ ୫ହଜାର ଶ୍ରମିକ, କର୍ମଚାରୀ କମାରଯୋଡା ଡାକ୍ତରଖାନା ନିକଟରୁ ବିରାଟ ପଟୁଆରରେ ବାହାରି ଯୋଡା ସହର ପରିକ୍ରମା ପୂର୍ବକ ଯୁଗ୍ମ ଖଣି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ଏଆଇଟିୟୁସିର ରାଜ୍ୟ ଉପସାଧାରଣ ସଂପାଦକ ରାମକୃଷ୍ଣ ପଣ୍ଡା ଯୋଗଦେଇ ସମବେତ ଶ୍ରମିକମାନଙ୍କୁ ତାଙ୍କ ଅଭିଭାଷଣରେ କହିଥିଲେ ଯେ ନିଲାମ ହେଉଥିବା ସମସ୍ତ ଖଣି କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ ଥିବାରୁ ଓ ମସ୍ତ ଖଣିରେ ସ୍ଥାନୀୟ ଆଦିବାସୀ ଓ ଗରୀବ ଗ୍ରାମବାସୀ କାର୍ଯ୍ୟ କରି ସେମାନଙ୍କର ପରିବାର ପ୍ରତିପୋଷଣ କରୁଥିବାରୁ, ଅପରନ୍ତୁ ଏହି କାର୍ଯ୍ୟ ବ୍ୟତିରକେ ସେମାନଙ୍କ ନିକଟରେ ଅନ୍ୟ କୌଣସି ବିକଳ୍ପ ନଥିବାରୁ ନୂତନ କମ୍ପାନୀରେ ନିଯୁକ୍ତି ନମିଳିଲେ ଏ ଅଞ୍ଚଳ କ୍ଷୁଧା ମୃତ୍ୟୁ ଏକ ମହାମାରୀରେ ପରିଣତ ହେବାର ଭୟ ସୃଷ୍ଟି ହୋଇଛି। ସରକାର ନୂତନ ନିଲାମୀ ଓ ନିଲାମଧାରୀମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିଥିବା ବେଳେ କାର୍ଯ୍ୟରତ ଶ୍ରମିକମାନଙ୍କ ସ୍ୱାର୍ଥ ପ୍ରତି ଆଖିବୁଜି ଦେବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ । ଏଆଇଟିୟୁସିର ରାଜ୍ୟ ସମ୍ପାଦକ ମହେଶ୍ୱର ରାଉତ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ କାର୍ଯ୍ୟରତ ସମସ୍ତ ଶ୍ରମିକ ଓ କର୍ମଚାରୀ ମାନଙ୍କୁ ନୂତନ କମ୍ପାନୀରେ ନିଯୁକ୍ତିକୁ ବାଧ୍ୟତାମୂଳକ କରାଯାଉ ଓ ସରକାର ଏହି ମର୍ମରେ ଏକ ବିଜ୍ଞପ୍ତି ତୁରନ୍ତ ପ୍ରକାଶ କରନ୍ତୁ ଅନ୍ୟଥା ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ଓ ଆସନ୍ତା ଦିନ ମାନଙ୍କରେ ଏହି ଜିଲ୍ଲା ଦ୍ୱୟରୁ ସମସ୍ତ ଖଣିଜ ପରିବହନ ବନ୍ଦ କରାଯିବ ବୋଲି ସେତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସେହିପରି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ କମ୍ପାନୀ ଯଥା ଓଏମ୍‌ସି ଓ ଓଏମଡିସି ଅଧୀନରେ ଥିବା ୧୩ଟିରୁ ଅଧିକ ଖଣି ପରିବେଶ ମଞ୍ଜୁରୀ ନଥିବାରୁ ଦୀର୍ଘଦିନ ହେଲା ବନ୍ଦ ପଡିଛି ଓ ଖୋଦ ସରକାରଙ୍କ କମ୍ପାନୀକୁ ସରକାର ଖୋଲିନପାରିବା ଦୁର୍ଭାଗ୍ୟଜନକ ବୋଲି ବକ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ବନ୍ଦ ଥିବା ସରକାରୀ ଖଣି ଗୁଡିକୁ ତୁରନ୍ତ ଖୋଲି ଛଟେଇ ହୋଇଥିବା ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଦେବାକ